# State Visit of the President of India to Bangladesh (December 15-17, 2021)

December 06, 2021

## ଭାରତର ରାଷ୍ଟ୍ରପତିଙ୍କ ବାଙ୍ଗଲାଦେଶ ଗସ୍ତ (15-17 ଡିସେମ୍ବର 2021)

ଡିସେମ୍ବର 06, 2021

ବାଙ୍ଗଲାଦେଶର ମାନ୍ୟବର ରାଷ୍ଟ୍ରପତି ମାନ୍ୟବର ଅବଦୁଲ ହମିଦଙ୍କ ଆମନ୍ତ୍ରଣକ୍ରମେ ଭାରତର ରାଷ୍ଟ୍ରପତି ଶ୍ରୀ ରାମ ନାଥ କୋବିନ୍ଦ ବାଙ୍ଗଲାଦେଶର 50 ତମ ବିଜୟ ଦିବସ ଉତ୍ସବରେ ଯୋଗଦେବା ପାଇଁ 15 ରୁ 17 ଡିସେମ୍ବର 2021 ପର୍ଯ୍ୟନ୍ତ ବାଙ୍ଗଲାଦେଶ ଗସ୍ତ କରିବେ।

ଏହି ଗସ୍ତ ସମୟରେ ଭାରତର ରାଷ୍ଟ୍ରପତି ବାଙ୍ଗଲାଦେଶର ରାଷ୍ଟ୍ରପତିଙ୍କ ସହ ଏକ ପ୍ରତିନିଧୀ ଦଳ ସ୍ତରୀୟ ବୈଠକ କରିବେ। ବାଙ୍ଗଲାଦେଶର ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀମତୀ ଶେଖ ହସିନା ଭାରତର ରାଷ୍ଟ୍ରପତିଙ୍କୁ ଭେଟିବେ। ବାଙ୍ଗଲାଦେଶର ବୈଦେଶିକ ମନ୍ତ୍ରୀ ମାନ୍ୟବର ଡକ୍ଟର ଏକେ ଅବଦୁଲ ମୋମେନ ମଧ୍ୟ ତାଙ୍କୁ ଭେଟିବେ।

ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ବାଙ୍ଗଲାଦେଶ ସ୍ୱାଧୀନତାର ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦେବା ପାଇଁ 26 ରୁ 27 ମାର୍ଚ୍ଚ 2021 ପର୍ଯ୍ୟନ୍ତ ବାଙ୍ଗଲାଦେଶ ଗସ୍ତରେ ଯାଇଥିଲେ। ଚଳିତ ବର୍ଷ ବାଙ୍ଗଲାଦେଶର ଜାତିର ପିତା ବଙ୍ଗବନ୍ଧୁ ଶେଖ ମୁଜିବୁର ରହମାନଙ୍କ ଜନ୍ମ ଶତବାର୍ଷିକୀ ଏବଂ ଭାରତ ଓ ବାଙ୍ଗଲାଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନ ହେବାର 50 ବର୍ଷ ପୂର୍ତ୍ତି ପାଳିତ ହେଉଛି।

ବାଙ୍ଗଲାଦେଶ ହେଉଛି ଭାରତର 'ପଡୋଶୀ ପ୍ରଥମ ନୀତିର' ଏକ ପ୍ରମୁଖ ସ୍ତମ୍ଭ। ସୁରକ୍ଷା, ସୀମା ପରିଚାଳନା ଓ ପ୍ରତିରକ୍ଷା, ଜଳ ସମ୍ପଦ, ବାଣିଜ୍ୟ, ପରିବହନ ଓ ସଂଯୋଗୀକରଣ, ସ୍ୱାସ୍ଥ୍ୟ, ସଂସ୍କୃତି ଓ ଲୋକମାନଙ୍କ ମଧ୍ୟରେ ସମ୍ପର୍କ, ଶକ୍ତି ଓ କ୍ଷମତା ଏବଂ ବିକାଶ ସହଭାଗୀତାଠାରୁ ଆରମ୍ଭ କରି ଉପଆଞ୍ଚଳିକ ସହଯୋଗ ପର୍ଯ୍ୟନ୍ତ ଭାରତ ଓ ବାଙ୍ଗଲାଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ପ୍ରଗତିଶୀଳ, ବ୍ୟାପକ ଏବଂ ମହତ୍ୱପୂର୍ଣ୍ଣ ସହଯୋଗ ରହିଆସିଛି। କୋଭିଡ-19 ମହାମାରୀର ମୁକାବିଲା ପାଇଁ ଉଭୟ ଦେଶ ପରସ୍ପରକୁ ଦୃଢ ସହଯୋଗ କରିଛନ୍ତି।

ଏହି ଐତିହାସିକ ଅବସରରେ ରାଷ୍ଟ୍ରପତିଙ୍କ ଗସ୍ତ ଉଭୟ ଦେଶ ଦ୍ୱିପାକ୍ଷିକ ସମ୍ପର୍କକୁ ଦେଉଥିବା ଉଚ୍ଚ ପ୍ରାଥମିକତାକୁ ପ୍ରତିଫଳିତ କରୁଛି। ଐତିହାସିକ ଓ ସାଂସ୍କୃତିକ ସମ୍ପର୍କ, ପାରସ୍ପରିକ ବିଶ୍ୱାସ ଓ ବୁଝାମଣାକୁ ଆଧାର କରି ବହୁମୁଖୀ ତଥା ଅପରିବର୍ତ୍ତନୀୟ ସହଭାଗୀତାକୁ ଏକୀକୃତ ତଥା ସୁଦୃଢ କରିବା ପାଇଁ ଏହା ଉଭୟ ଦେଶର ସହଭାଗୀ ଇଚ୍ଛାକୁ ଦୋହରାଉଛି।

ନୂଆଦିଲ୍ଲୀ

ଡିସେମ୍ବର 06, 2021

DISCLAIMER: This is an approximate translation. The original is available in English on MEA's website and may be referred to as the official press release.